**ଅଭିଭାବକ-ଶିକ୍ଷକ ବୈଠକ**

ରାଇଘର, ୧୩।୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ ରାଜୀବ ସ୍ମୃତି ବାଳିକା ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଇଘର ବିଇଓ ଈଶ୍ୱର ଚନ୍ଦ୍ର ମାଝି, ଏବିଓ ସୋନା ମାଝି, ଶ୍ରୀହର୍ଷ ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମଲଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ମାଟ୍ରିକ୍ ପରୀକ୍ଷା ପାଇଁ ପିଲାଙ୍କୁ ପ୍ରାକ୍ ପ୍ରସ୍ତୁତି, କରୋନା ସମୟରେ ନିଜକୁ କିପରି ସୁରକ୍ଷା ଦେଇହେବ ସେ ସମ୍ପର୍କରେ ଆଲୋଚନା କରାଯାଇଛି।

## ସଂକ୍ଷେପରେ

### ପୃଥ୍ୱୀରାଜ ପୁଣି ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭ୍ୟ ମନୋନୀତ



ବିଷମକଟକ,୧୩।୨- ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ପୃଥ୍ୱୀରାଜ ସାହୁ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ସଭ୍ୟ ମନୋନୀତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ଥର ପାଇଁ ତାଙ୍କୁ ସଭ୍ୟ ମନୋନୀତ କରିଥିବାରୁ ରାୟଗଡ଼ା ଜିଲା ବିଷମକଟକ ନିର୍ବାଚନ ମଣ୍ଡଳୀର ୪ବ୍ଲକ୍‌ରେ ବିଜେଡିର ନେତା ଓ କର୍ମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ସାହୁଙ୍କୁ ଦଳ ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ମିଳିଛି। ଏଥିପୂର୍ବରୁ ସେ ୨୦୧୮ରେ ପ୍ରଥମ ଥର ପାଇଁ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ସଭ୍ୟ ହୋଇଥିଲେ।

### ନଦୀରେ ବୁଡ଼ି ଯୁବକ ମୃତ

କୋଡିଙ୍ଗା, ୧୩।୨(ଡି.ଏନ୍.ଏ.) ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଖୁଟିଗୁଡ଼ା ଗ୍ରାମର ଚୈନସିଂ ଭତରାଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଯାଇଛି। ପୋଲିସ ମୃତଦେହ ଜବତ କରିଛି। ଶନିବାର ସକାଳେ ଚୈନସିଂ ଗାଁ ନିକଟ ବାବନ୍ଦୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ପାଣିରେ ମୁହଁମାଡ଼ି ପଡ଼ିଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତକଙ୍କ ଭାଇ ଦଶରୁ ଅଗ୍ନିଶମ ବାହିନୀ ଓ କୋଡିଙ୍ଗା ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ନଦୀରୁ ଚୈନସିଂଙ୍କ ମୃତଦେହ ଜବତ କରିବା ପରେ ପୋଲିସ ତାହାକୁ ବ୍ୟବଚ୍ଛେଦ ପାଇଁ କୋଷାଗୁମୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୋଡ଼ିଙ୍ଗା ଥାନାରେ ୧/୨୧ରେ ଏକ ମାମଲା ରୁଜୁ କରାଯାଇଥିବା ଏଏସ୍‌ଆଇ ମନୋରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି। ମୃତକଙ୍କ ପରିବାରକୁ ସହାୟତା ଦେବାକୁ ଦାବି ହୋଇଛି।

### ବିଦ୍ୟୁତ୍ ଆଘାତ ଲାଗି ଯୁବକ ଗୁରୁତର



ଡ଼ାବୁଗାଁ, ୧୩।୨ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମଙ୍ଗରାଚଚରା ଗ୍ରାମରେ ଶୁକ୍ରବାର ରାତ୍ରିରେ ବିଦ୍ୟୁତ୍ ଆଘାତ ଲାଗି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଗାଁର ଉଦରନ ଭତ୍ରା(୨୨)। ଶୁକ୍ରବାର ରାତିରେ ଗ୍ରାମରେ ଲୋ-ଭୋଲ୍‌ଟେଜ ଥିଲା। ଟ୍ରାନ୍ସଫର୍ମରରେ ଫ୍ୟୁଜ ଛିଡି ଅଳ୍ପ ଲାଗିଥିବା କାରଣରୁ ଲୋ-ଭୋଲ୍‌ଟେଜ ରହୁଛି ଭାବି ବିଦ୍ୟୁତ୍ ସଂଯୋଗ ନ କାଟି ଉଦରନ ଟ୍ରାନ୍ସଫର୍ମର ଉପରକୁ ଚଢ଼ିଯାଇଥିଲେ। ଏହି ସମୟରେ କରେଣ୍ଟ ଲାଗି ସେ ତଳେ ପଡ଼ିଯାଇଥିଲେ। ଲୋକେ ତାଙ୍କୁ ଉଦ୍ଧାରକରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଦରନଙ୍କର ଡାହାଣ ଗୋଡ଼, ହାତ ଓ ବେକ ପୋଡ଼ିଯାଇଛି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଶନିବାର ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରଯାଇଛି।

### ଖବରଦାତାଙ୍କୁ ଦିଆଯାଉ କରୋନା ଟିକା

ମୁନିଗୁଡ଼ା,୧୩।୨(ଡି.ଏନ୍.ଏ.)- ଖବରଦାତାମାନେ କରୋନା ସମୟରେ ଜୀବନକୁ ବିପନ୍ନକରି ଉତ୍ସର୍ଗୀକୃତଭାବେ ସେବା ଯୋଗାଇଥିଲେ। ଅପହଞ୍ଚ ଇଲାକାରେ ପହଞ୍ଚି ସାଧାରଣ ଲୋକ ଏବଂ ରୋଗୀଙ୍କୁ ସେବା ମିଳିବାରେ ମଧ ମାଧମ ସାଜିଥିଲେ। ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ସରକାରଙ୍କ ମଧ୍ୟରେ ଯୋଗାଯୋଗର ସେତୁ ସାଜି ଅନେକ ଜଟିଳ କାର୍ଯ୍ୟ ସହଜ କରିଥିଲେ। ହେଲେ ସରକାରୀ ଅଧିକାରୀଙ୍କୁ କରୋନା ଯୋଦ୍ଧାଭାବେ ଅଗ୍ରାଧିକାର ଦିଆଯାଇ ଟିକା ଦିଆଯାଉଥିଲେ ମଧ ଗଣମାଧମ ପ୍ରତିନିଧି ପୁଣି ଅଣଦେଖାର ଶିକାର ହୋଇଛନ୍ତି ବୋଲି ଏକ କାର୍ଯ୍ୟକ୍ରମରେ ମୁନିଗୁଡ଼ା ପ୍ରେସ୍ କ୍ଲବ୍‌ର ସଭାପତି ତଥା ଖବରଦାତା ରାଜୀବ ଲୋଚନ ଦାସ ଓ ମାର୍ଗଦର୍ଶକ ଗୌରାଙ୍ଗ ଚରଣ ରାଉତ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ରାଜ୍ୟରେ କାର୍ଯ୍ୟରତ ସମସ୍ତ ଖବରଦାତାଙ୍କୁ ଅଗ୍ରାଧିକାର ଭିତ୍ତିରେ କରୋନା ଟିକା ପ୍ରଦାନ କରନ୍ତୁ ବୋଲି କ୍ଲବ୍ ପକ୍ଷରୁ ଦାବି ହୋଇଛି। ଏହି କାର୍ଯ୍ୟକ୍ରମରେ ମୁନିଗୁଡ଼ା ପ୍ରେସ୍ କ୍ଲବର ସଭାପତି ଓ ଉପଦେଷ୍ଟାଙ୍କ ସମେତ ଅଞ୍ଚଳର ଖବରଦାତାମାନେ ଉପସ୍ଥିତ ଥିଲେ।

# ମଣ୍ଡିରୁ ସପ୍ତାହକ ମଧ୍ୟରେ ଧାନ ଉଠାଯାଉ

ନବରଙ୍ଗପୁର,୧୩।୨(ବି.ପ୍ର.)



ବୈଠକରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ସମେତ ଅନ୍ୟ ଲୋକ ପ୍ରତିନିଧି ଓ ଅଧିକାରୀମାନେ।

**ଜିଲାସ୍ତରୀୟ ସମୀକ୍ଷା ବୈଠକ**

- ଚାଲିଥିବା ବିଜୁ ସେତୁ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ
- ରାସ୍ତା କାମ ତୁରନ୍ତ ଆରମ୍ଭ କରାଯାଉ
- କାର୍ଯ୍ୟରେ ଅବହେଳା ପାଇଁ ୨ ଲ୍ୟାମ୍ପସର କର୍ମଚାରୀ ନିଲମ୍ବିତ

ନବରଙ୍ଗପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଏକ ସମୀକ୍ଷା ବୈଠକ କରାଯାଇଛି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବୈଠକରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ପରିଷଦ ସଭାପତି ଭଗବତୀ ଭତରା, ଡିଆର୍‌ଡିଏ ପିଡି ରମାକାନ୍ତ ନାୟକ, ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ଉପଜିଲାପାଳ ଭାସ୍କର ରଇତଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ମଣ୍ଡିରେ ଯୋଗ୍ୟ ଚାଷୀଙ୍କ ପଡି ରହିଥିବା ସମସ୍ତ ଧାନ ସପ୍ତାହକ ମଧ୍ୟରେ ମଣ୍ଡିରୁ ଉଠାଇବା ବ୍ୟବସ୍ଥା କରାଇବାକୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

କୋଡ଼ିଙ୍ଗା-ଚିର୍ମା ରାସ୍ତାକୁ ସଂଯୋଗ କରୁଥିବା ଇନ୍ଦ୍ରାବତୀ ନଦୀ ଏବଂ ଭତ୍ରା ଶିଉନି-ସିରିସି ରୋଡ୍‌କୁ ସଂଯୋଗ କରୁଥିବା ତୁରି ନଦୀ ଉପରେ ଚାଲିଥିବା ବିଜୁ ସେତୁ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗରୁ ଜିଲା ପୂର୍ତ୍ତ ବିଭାଗକୁ ୧୪ଟି ରାସ୍ତା ହସ୍ତାନ୍ତର ପ୍ରକ୍ରିୟା ବାକି ରହିଛି। ଏହି ପ୍ରକ୍ରିୟା ତୁରନ୍ତ ସାରି ରାସ୍ତା ତିଆରି କାମ ଶୀଘ୍ର ଆରମ୍ଭ କରିବାକୁ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ସମୟରେ ଲୋକଙ୍କ ସୁବିଧା ପାଇଁ କୋଷାଗୁମୁଡ଼ା ବ୍ଲକ ଉକିଆପାଲି ପଞ୍ଚାୟତ ଘାଟବାସୁଲିରେ ଏକ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ରାଜ୍ୟ ରିଲିଫ ଆୟୁକ୍ତଙ୍କୁ ଲିଖିତ ପ୍ରସ୍ତାବ ଦେବାପାଇଁ ଡିଆର୍‌ଡିଏ ପିଡିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସରକାରୀ କାର୍ଯ୍ୟର ଅବହେଳା ପାଇଁ ଝରିଗାଁ ଲ୍ୟାମ୍ପସର ଡାଟା ଏଣ୍ଟ୍ରି ଅପରେଟର ଲମ୍ବୋଧର ପଟ୍ଟନାୟକ, କୋଷାଗୁମୁଡା ଲ୍ୟାମ୍ପସ ଡାଟା ଏଣ୍ଟ୍ରି ଅପରେଟର ପଦମନ ପୂଜାରୀଙ୍କୁ ଏଆର୍‌ସିଏସ୍ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

# ୨ରୁ ପ୍ରସିଦ୍ଧ ବଡ଼ଯାତ୍ରା

କାଳିମେଲା,୧୩।୨(ଡି.ଏନ.ଏ)

- ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ
- ବ୍ଲକ୍‌ସ୍ତରୀୟ ପ୍ରଶାସନିକ ସମନ୍ୱୟ ବୈଠକ
- କରୋନା କଟକଣାକୁ ଗୁରୁତ୍ୱ

ମାଲକାନଗିରି ଜିଲାର ଲୋକପ୍ରିୟ ବଡ଼ଯାତ୍ରା ନେଇ ପ୍ରସ୍ତୁତି ଚାଲିଛି। ଶୁକ୍ରବାର ଜିଲା ବଡ଼ଯାତ୍ରା କମିଟି ପକ୍ଷରୁ ଯାତ୍ରା କାର୍ଯ୍ୟସୂଚୀ ଚୂଡାନ୍ତ କରାଯାଇଛି। ଏ ନେଇ ବଡ଼ଯାତ୍ରା କମିଟିର ଏକ ଟିମ୍ କାଳିମେଳା ଗସ୍ତରେ ଆସି ଯାତ୍ରାସ୍ଥଳ ଆନ୍ଧ୍ରପ୍ରଦେଶର ପୋଲୁର ନଦୀଘାଟ ଏବଂ ଠାକୁରଙ୍କ ମୁଖ୍ୟସ୍ଥାନ ମାଣ୍ୟମକୋଣ୍ଡା ବୁଲି ଦେଖିଥିଲେ। ଟିମ୍ ଯାତ୍ରା ନେଇ ବାକି ରହିଥିବା କାର୍ଯ୍ୟର ତଦାରଖ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ପୋଲୁର ଠାରୁ ମାଲକାନଗିରି ପର୍ଯ୍ୟନ୍ତ ବିଭିନ୍ନ ମଣ୍ଡପର ଉନ୍ନତିକରଣ କାର୍ଯ୍ୟ ଚାଲିଥିବାବେଳେ ଏହା ଶୀଘ୍ର ସାରିବାକୁ କୁହାଯାଇଛି। ପରେ କାଳିମେଳା ବ୍ଲକ୍ ସଭାଗୃହରେ ଜିଲା ଓ ବ୍ଲକ୍ ପ୍ରଶାସନକୁ ନେଇ ଏକ ପ୍ରସ୍ତୁତି ବୈଠକ ବସିଥିଲା। ବ୍ଲକ୍ ଅଧ୍ୟକ୍ଷ ମାଳା ମାଢ଼ିଙ୍କ ଅଧ୍ୟକ୍ଷତା କରିଥିଲେ। ଯାତ୍ରା କମିଟି ଅଧ୍ୟକ୍ଷ ତଥା ମାଲକାନଗିରି ତହସିଲଦାର ଗୁଣନିଧି ନାୟକ, ବିଡିଓ ଉମାଶଙ୍କର ଦଳାଇ, ତହସିଲଦାର ଆଲୋକ କୁମାର ଅନୁଗୁଳିଆ, ମୋଟୁ ତହସିଲଦାର ଶଶାଙ୍କ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ମାର୍ଚ୍ଚ ୨ରୁ ଆରମ୍ଭ ହେବାକୁ ଥିବା ଏହି ଯାତ୍ରା ମାର୍ଚ୍ଚ ୩୧ରେ ସରିବ। ତେବେ କରୋନା କଟକଣାକୁ ଦୃଷ୍ଟିରେ ରଖି ଯାତ୍ରା ନିରାଡମ୍ବରରେ ପାଳନ କରିବାକୁ କମିଟି ନିଷ୍ପତ୍ତି ନେଇଥିବା ମାଢ଼ି କହିଛନ୍ତି। ବୈଠକରେ ମୁଖ୍ୟ ପୂଜକ ତ୍ରିନାଥ ରାଜୁ,ହରି ଚାଲାଣ, ଲକ୍ଷ୍ମଣ ମଦଲା, ଦେବେନ୍ଦ୍ର ପୂଜାରୀ, ଗୌରହରି ନାୟକ, ବି. ଭାସ୍କର ରାଓ, ବିନୋଦ ସାହୁ ଏବଂ ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜମି ପ୍ରଦାନ କରିପାରିନାହାନ୍ତି

ନବରଙ୍ଗପୁର,୧୩।୨(ବି.ପ୍ର.)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

- ଭାଜପାର ଖବରଦାତା ସମ୍ମିଳନୀ
- ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ମନ୍ତବ୍ୟକୁ ସମାଲୋଚନା

ନବରଙ୍ଗପୁରରେ ବିଜେଡିର ଯୁବ ଛାତ୍ର ନେତୃତ୍ୱ ସମାବେଶରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା କେନ୍ଦ୍ର ସରକାର ଓଡ଼ିଶାକୁ ଅବହେଳା କରୁଥିବା ନେଇ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ହାସ୍ୟାସ୍ପଦ ବୋଲି ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ ଖବରଦାତା ସମ୍ମିଳନୀରେ କହିଛନ୍ତି। ନବରଙ୍ଗପୁର ଜିଲା ଭାଜପା କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, କୃଷକ ମୋର୍ଚ୍ଚା ସଭାପତି ଅରୁଣ ପୂଜାରୀ, ନଗର ମୋର୍ଚ୍ଚା ସଭାପତି ପିଣ୍ଟୁ ମିଶ୍ର, ଦୈତାରୀ ମାଝି, ସଞ୍ଜୀବ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଜୟପୁର-ନବରଙ୍ଗପୁର, ଜୟପୁର-ମାଲକାନଗିରି ନୂତନ ରେଳ ପଥ ପାଇଁ ୨୦୧୮ରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ରାଜ୍ୟ ସରକାର ମାଗଣା ଜମି ଯୋଗାଇବା ପରେ ରେଳଲାଇନ କାର୍ଯ୍ୟ ଆରମ୍ଭ ହେବ। ତେବେ ରାଜ୍ୟ ସରକାର ଏଯାଏ ରେଳ ବିଭାଗକୁ ଗୋଟିଏ ଇଞ୍ଚ ଜମି ହସ୍ତାନ୍ତର କରି ପାରିନାହାନ୍ତି। ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ବର୍ତ୍ତମାନର ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝି ଏହି ଦୁଇ ରେଳ ଲାଇନ କିଭଳି ହୋଇପାରିବ ସେ ନେଇ ଉଦ୍ୟମ କରିଥିଲେ ବୋଲି ଭାଜପା ଖବରଦାତା ସମ୍ମିଳନୀରେ କହିଛି। ୨ ତାରିଖରେ ନବରଙ୍ଗପୁର ଗସ୍ତରେ ଆସି ଜିଲାର ସବୁ ମଣ୍ଡିରୁ ୨୪ ଘଣ୍ଟାରେ ଧାନ ଉଠିବ ବୋଲି ଦାସବର୍ମା କହିଥିଲେ। କିନ୍ତୁ ଏଯାଏ ତାହା କାର୍ଯ୍ୟକାରୀ ହୋଇନାହିଁ ବୋଲି ଭାଜପା କହିଛି। ଜିଲାର ୪ ବ୍ଲକର ପ୍ରାଣକେନ୍ଦ୍ର ଭାବେ ଇନ୍ଦ୍ରାବତୀ ନଦୀ ରହିଥିଲା। ଚିରସ୍ରୋତା ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା ପରେ ତଳମୁଣ୍ଡ ବାସୀ ଏବେ ହତାଶ । ୨୦୧୪ରେ ଇନ୍ଦ୍ରାବତୀ ଜଳଭଣ୍ଡାରରୁ କେନାଲ ମାଧ୍ୟମରେ ଚାଷୀଙ୍କୁ ଜଳ ଯୋଗାଇ ଦିଆଯିବ ବୋଲି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିପାଇଁ ୬୩୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଲା ନାହିଁ ବୋଲି ଭାଜପା ନେତାମାନେ ଅଭିଯୋଗ କରିଛନ୍ତି।

## ୧କୋଟି ୯୮ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ

ଡ଼ାବୁଗାଁ, ୧୩।୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଭୈରବ ମହାବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ୧ କୋଟି ୯୮ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ସମୟରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବିଜେଡି ରାଜ୍ୟ ପରିଷଦ ସଭ୍ୟ ଅର୍ଜ୍ଜୁନ ତ୍ରିପାଠୀ, ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଡାବୁଗାଁ ତହସିଲଦାର ସନ୍ଧ୍ୟା ସମରଥ, ଭୈରବ ମହାବିଦ୍ୟାଳୟର +୩ ବିଭାଗ ଅଧ୍ୟକ୍ଷ ଶଙ୍କର ଗନ୍ତାୟତ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବ୍ୟକ୍ତିତ୍ୱ ବିକାଶ, ଦାୟିତ୍ୱବୋଧ ବିଷୟରେ ଆଲୋଚନା

ଗୁଣପୁର,୧୩।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କଲେଜଠାରେ ୩ସପ୍ତାହ ଧରି ଚାଲିଥିବା ବ୍ୟକ୍ତିତ୍ୱ ବିକାଶ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଇଂଲିଶ ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ବାମଦେବ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ଗବେଷକ ରାହୁଲ କୁମାର ଗୋଏଲ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ସାଙ୍ଗକୁ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱବୋଧ ବିଷୟରେ ଆଲୋକପାତ କରିଥିଲେ। କଲେଜର ପ୍ରଶାସନିକ ପରାମର୍ଶଦାତା ପ୍ରାଧ୍ୟାପକ ଶଶିଭୂଷଣ ମହାନ୍ତି ଏବଂ ଏକାଡେମିକ୍ ଉପଦେଷ୍ଟା ସୂର୍ଯ୍ୟନାରାୟଣ ପଣ୍ଡା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଉପରେ ଆଲୋଚନା କରିଥିଲେ। ଇଂଲିଶ ବିଭାଗର ମୁଖ୍ୟ ଏବ୍ରି ରଇତ, ଆଇକ୍ୟୁଏସିର ସଂଯୋଜକ ଅଧ୍ୟାପକ ଅମିୟ ରଞ୍ଜନ ମହାନ୍ତି, ଅଧ୍ୟାପକ ଡୋଳମଣି କୁମ୍ଭାର ଉପସ୍ଥିତ ଥିଲେ। ଅଧ୍ୟାପିକା ଦେବିଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଚରଣରାଜ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ରାମଚନ୍ଦ୍ର ପଣ୍ଡା, ଅଧ୍ୟାପିକା ଦୀପିକା ପଟ୍ଟନାୟକ, ଅଧ୍ୟାପକ ଜଗନ୍ନାଥ ଦୀପ୍‌ଙ୍କ ସମେତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ପିଲାଙ୍କ ପାଠପଢ଼ାରେ ଅଭିଭାବକଙ୍କ ଭୂମିକା ଯଥେଷ୍ଟ

ଉମରକୋଟ, ୧୩।୨(ସ୍ୱ.ପ୍ର.)

ଉମରକୋଟ ବ୍ଲକ ଓ ପୌରାଞ୍ଚଳର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସଂଘ ବୈଠକ ଆୟୋଜିତ ହୋଇଛି। ବ୍ଲକର ୨୫ ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠ ଦକ୍ଷତା, ଦଶମ ଶ୍ରେଣୀ ପରୀକ୍ଷା ପ୍ରସ୍ତୁତି, ପରୀକ୍ଷା ଦର୍ପଣ, ବିଦ୍ୟାଳୟ ବିକାଶ ଯୋଜନା, ସ୍କୁଲ ନିରାପତ୍ତା ଯୋଜନା, ରେଡିଓ ପାଠଶାଳା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ଅଭିଭାବକଙ୍କ ଭାଗୀଦାରି ଓ ଭୂମିକା ସମ୍ପର୍କରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ କହିଛନ୍ତି। ଦଶମ ଶ୍ରେଣୀ ପରୀକ୍ଷା ପ୍ରସ୍ତୁତି ପାଇଁ ଏହା ଏକ ସୁଚିନ୍ତିତ ପଦକ୍ଷେପ ବୋଲି ନୋଡାଲ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପାଣିଗ୍ରାହୀ କହିଛନ୍ତି। ଏଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ଯୋଜନା ସଂଯୋଜକ ଡା ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ ଓ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ଡା. ଓମ୍‌କାର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଭାଲୁଗୁଡ଼ା କ୍ଲଷ୍ଟର ସଂଯୋଜକ ଗୀତା ଦାଶ ଉପସ୍ଥିତ ଥିଲେ।

## ଆଜିଠୁ ବଂଶଧାରା ବସନ୍ତ ମହୋତ୍ସବ



ମହିଳାମାନେ କଳଶ ଯାତ୍ରାରେ ବାହାରିଛନ୍ତି।

ଗୁଣପୁର୧୩।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରଠାରେ ରବିବାର ଠାରୁ ୯ମ ବଂଶଧାରା ବସନ୍ତ ମହୋତ୍ସବ ଆରମ୍ଭ ହେଉଛି। କରୋନା ଗାଇଡ୍‌ଲାଇନ୍ ମାନି ସମସ୍ତ ରୀତିନୀତି ପାଳନ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶନିବାର ସନ୍ଧ୍ୟାରେ ମହୋତ୍ସବ ପାଇଁ ଗଙ୍ଗା ଆବାହନ, କଳଶ ଯାତ୍ରା ଏବଂ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଅଣାଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳଶ ଯାତ୍ରା ଏବଂ ଆଜ୍ଞାମାଳ ଉତ୍ସବ ପଡ଼ିଆରେ ପହଁଞ୍ଚିବା ପରେ ତାହାକୁ ସ୍ଥାପନ କରାଯାଇ ପ୍ରବଚନ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରବଚକ ଭାବେ ପ୍ରଦୀପ ପଣ୍ଡା ଉପସ୍ଥିତ ରହି ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ସତ୍ୟ ନାରାୟଣ ରଥ ଏବଂ କୃଷ୍ଣ ପ୍ରସାଦ ବେବର୍ତ୍ତା ଉଦ୍‌ଘାଟନ କରିଥିଲେ। ପୁରୀରୁ ଆସିଥିବା ଶିଳ୍ପୀ ଅନୁଷ୍ଠାନର କଳାକାରଙ୍କୁ ନେଇ କୃଷ୍ଣ-ସୁଦାମା ନାଟକ ପ୍ରଦର୍ଶିତ ହୋଇଥିଲା। ସେହିପରି ସକାଳେ ଗୁଣପୁର କଲେଜଠାରୁ ଏକ ମିନି ମାରାଥନ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ମାରାଥନ୍ ହଳଦିଆ ନାଳସ୍ଥିତ ଉତ୍ସବ ପଡ଼ିଆରେ ପହଞ୍ଚିଥିଲା। ବାଳିକା ବର୍ଗରେ ମନିଷା ମଣ୍ଡଳ, ଷ୍ଟାଲିନ ମଣ୍ଡଳ, ରକ୍ଷିକା ଶବର ଏବଂ ବାଳକ ବର୍ଗରେ ଟୁଟୁ ଶବର, ଗଣେଶ ଶବର, ଏସ୍.ଭେଙ୍କଟେଶ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ନବ ନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସ, ଉମା ଦାସ, ରଞ୍ଜିତ ପାଢ଼ି, ରାଜେନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ପଟ୍ଟନାୟକ, କୈଳାସ ପାତ୍ର, ରମେଶ ମିଶ୍ର, ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ଅନୁସୂଚିତ ଜାତି କମିଶନ ନିର୍ଦ୍ଦେଶକଙ୍କ ତେନ୍ତୁଳିଖୁଣ୍ଟି ଗସ୍ତ

ତେନ୍ତୁଳିଖୁଣ୍ଟି, ୧୩।୨(ଡି.ଏନ୍.ଏ.)



ତେନ୍ତୁଳିଖୁଣ୍ଟି ଗସ୍ତରେ ଆସିଥିବା କେନ୍ଦ୍ରୀୟ ଅନୁସୂଚିତ ଜାତି କମିଶନ ନିର୍ଦ୍ଦେଶକଙ୍କ ସହ ଅନ୍ୟ ଅଧିକାରୀମାନେ।

କେନ୍ଦ୍ରୀୟ ଅନୁସୂଚିତ ଜାତି କମିଶନ ନିର୍ଦ୍ଦେଶକ ଅଜିତ କୁମାର ସାହୁ ଶନିବାର ତେନ୍ତୁଳିଖୁଣ୍ଟି ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ସମୀକ୍ଷା କରିଥିଲେ। ସେ ପ୍ରଥମେ ବିଜରାଗୁଡ଼ା ଗ୍ରାମକୁ ଯାଇ ଏସ୍‌ଏଚ୍‌ଜି ମହିଳାଙ୍କ ସହ ସେମାନେ କରୁଥିବା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସେଠାରେ ନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ଆବାସ ଯୋଜନା ଗୃହ ପରିଦର୍ଶନ କରିଥିଲେ। ପରେ ଗାଁ ନିକଟ ସୌରଚାଳିତ ଜଳଯୋଗାଣ ପ୍ରକଳ୍ପ ଦେଖି ପ୍ରାଥମିକତା ଭିତ୍ତିରେ ଅନ୍ୟ ସ୍ଥାନରେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ତେନ୍ତୁଳିଖୁଣ୍ଟି ବାପୁଜୀ ହାଇସ୍କୁଲକୁ ଯାଇ ନବମ ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାଇଥିଲେ। ତେନ୍ତୁଳିଖୁଣ୍ଟିରେ ଏକ ଅନୁସୂଚିତ ଜାତି ଛାତ୍ରାବାସ କରାଇବାକୁ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନଙ୍କୁ କହିଥିଲେ। ପାତ୍ରପୁଟସ୍ଥିତ ତଫସିଲଭୁକ୍ତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ବିଦ୍ୟାଳୟ ବୁଲି ଦେଖିଥିଲେ। ଟିମନପୁରରେ ସରକାରୀ ପ୍ରୋତ୍ସାହନରେ ଅନୁସୂଚିତ ଜନଜାତିଙ୍କ ଦ୍ୱାରା କରାଯାଇଥିବା ସୂର୍ଯ୍ୟମୁଖୀ, ମିଠାମକା ଚାଷ ଦେଖିଥିଲେ। ଅନୁସୂଚିତ ଜାତିଙ୍କ ପାଇଁ ମଧ୍ୟ ସେଭଳି ବ୍ୟବସ୍ଥା କରିବାକୁ କହିଛନ୍ତି। ଏହି ଗସ୍ତବେଳେ ବ୍ଲକ ଭାରପ୍ରାପ୍ତ ବିଡିଓ ପଦ୍ମନାଭ ତ୍ରିପାଠୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି, ବିଇଓ ଟି.ମିନତୀ ପ୍ରମୁଖ ସାମିଲ ଥିଲେ।

# ଆନ୍ଦୋଳନ ସ୍ଥଳରେ ୱାଇଭିପି ସଭାପତି ଅସୁସ୍ଥ

**ମେଡିକାଲ କଲେଜ ଦାବିରେ ଅନଶନ ୫ମ ଦିନରେ**



ଡାକ୍ତର ଅସୁସ୍ଥ ୱାଇଭିପି ସଭାପତିଙ୍କ ଚିକିତ୍ସା କରୁଛନ୍ତି।

ରାୟଗଡ଼ା ଅଫିସ,୧୩।୨

ରାୟଗଡ଼ା ଯୁବ ବିକାଶ ପରିଷଦ ପକ୍ଷରୁ ଚାଲିଥିବା ଅନଶନ ୫ମ ଦିନରେ ପହଞ୍ଚିଛି। ଶନିବାର ଅନଶନ ସ୍ଥଳରେ ପରିଷଦ ସଭାପତି ଶିବାଜୀ ଦାଶ ଅସୁସ୍ଥ ହୋଇପଡିଥିଲେ। ଡାକ୍ତର ସେଠାରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ସହ ଚିକିତ୍ସା କରିଛନ୍ତି। ସରକାର ଦାବି ନ ମାନିଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଭାପତି କହିଛନ୍ତି। ପ୍ରକାଶ ଯେ, ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶିଆଲଟି ହସ୍ପିଟାଲ ଏବଂ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଯୁବ ବିକାଶ ପରିଷଦ ପକ୍ଷରୁ ୯ ତାରିଖରୁ ଅନଶନ ଚାଲିଛି।

## ନାବାଳିକାଙ୍କ ଆତ୍ମହତ୍ୟା

ଏମଭି ୭୯/କାଲିମେଲା,(ଡି.ଏନ.ଏ.)

ମାଲକାନଗିରି ଜିଲା ଏମଭି-୭୯ ଥାନା ଅନ୍ତର୍ଭୁକ୍ତ ଏମପିଭି-୭୩ ଗ୍ରାମରେ ଜଣେ ନାବାଳିକା(୧୬) ବେକରେ ନିଜ ଓଢଣୀ ବାନ୍ଧି ଶନିବାର ଆତ୍ମହତ୍ୟା କରିଛନ୍ତି। ସେ ଉକ୍ତ ଗ୍ରାମର ମହାନନ୍ଦ ମଣ୍ଡଳଙ୍କ ଝିଅ। ପରିବାର ଲୋକେ ଏହା ସମ୍ପର୍କରେ ଜାଣିବା ପୋଲିସକୁ ଖବର କରିଥିଲେ। ଏମଭି-୭୯ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଠାରେ ନାବାଳିକା ଜଣକ ତାଙ୍କ ଭାଇଙ୍କ ଘରେ ରହୁଥିଲେ। ତେବେ କୌଣସି କାରଣରୁ ସେ ଗାଧୁଆ ଘରେ ବେକରେ ଓଢଣୀ ବାନ୍ଧି ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପୋଲିସ କେସ୍ ନଂ. ୪/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଲୋକଙ୍କ ସହ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ଜନସମ୍ପର୍କ ଶିବିର

ରାଇଘର, ୧୩।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଛତିଶଗଡ଼ ସୀମାନ୍ତ ରାଇଘର ପୋଲିସ ପକ୍ଷରୁ ଶନିବାର ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଇଘର ଥାନା ଅଧୀନ ବୋବେଇ ପଞ୍ଚାୟତର ପାତ୍ରପାରା ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଏସ୍‌ପି ପ୍ରହ୍ଲାଦ ସାହାଇ ମୀନା ଯୋଗ ଦେଇଥିଲେ। ଏସ୍‌ଡିପିଓ ହେମନ୍ତ ପାଢ଼ୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁ ସମ୍ପର୍କ ସ୍ଥାପନ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଏସ୍‌ପି କହିଥିଲେ। ମାଓବାଦୀପ୍ରବଣ ଅଞ୍ଚଳରେ ଲୋକେ କିପରି ପୋଲିସ ଉପରେ ଆସ୍ଥା ରଖିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପୋଲିସ ପକ୍ଷରୁ ସ୍ୱାସ୍ଥ୍ୟମେଳା ସହ ଯୁବପିଢ଼ିଙ୍କ ପାଇଁ ଖେଳକୁଦ, ନୃତ୍ୟ ପ୍ରତିଯୋଗିତା କରାଯାଇଛି। କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି। ଏତଦ୍ ବ୍ୟତୀତ ଗ୍ରାମର ବୟସ୍କଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଡକ୍ଟର ରୂପେଶ ଡାଲି ସ୍ୱାସ୍ଥ୍ୟ ମେଳାରେ ଯୋଗଦେଇଥିବା ଲୋକଙ୍କୁ ଚିକିତ୍ସାକରି ଔଷଧ ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳର ଭଜନ ମଣ୍ଡଳୀ, ବ୍ୟାଣ୍ଡ ପାର୍ଟିକୁ ଜରୁରୀ ସାମଗ୍ରୀ ଦିଆଯାଇଥିଲା। ଏଥିସହ ଯୁବ ପିଢ଼ିଙ୍କୁ ଖେଳ ସାମଗ୍ରୀ ଓ ପିଲାଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ରାଇଘର ଥାନାଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୟନୀୟ ଅବସ୍ଥାରେ ଚନ୍ଦ୍ରପୁର ବିଇଓଙ୍କ କାର୍ଯ୍ୟାଳୟ

ଚନ୍ଦ୍ରପୁର,୧୩।୨(ଡି.ଏନ୍.ଏ.)



ଅବ୍ୟବହୃତ ଭାବେ ପଡ଼ିଥିବା ଗୋଷ୍ଠୀ ଶିକ୍ଷା ସାଧନା କେନ୍ଦ୍ର।

**ଛୋଟ କୋଠରିରେ ଚାଲିଛି କାମ**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ଶିକ୍ଷାଧିକାରୀ(ବିଇଓ)ଙ୍କ ନିଜସ୍ୱ କାର୍ଯ୍ୟାଳୟ ନାହିଁ। ବ୍ଲକ୍ ପରିସରରେ ଏକ ଛୋଟ କୋଠରିରେ ଅଫିସ ଚାଲିଥିବା ଦେଖିବାକୁ ମିଳିଛି। ଏଠାରେ ଟେବୁଲ, ଚେୟାର, ଆଲମିରା, କମ୍ପ୍ୟୁଟର ଏବଂ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ରଖିବା ପାଇଁ ମଧ୍ୟ ସ୍ଥାନର ଅଭାବ ରହିଛି। ଗୋଟିଏ କୋଠରିରେ ସମସ୍ତ କର୍ମଚାରୀ ବସି କାମ କରିବା କଷ୍ଟକର ହେଉଛି। ପୂର୍ବରୁ ଶିକ୍ଷା ବିଭାଗ ତରଫରୁ ଲକ୍ଷାଧିକ ଟଙ୍କା ଅନୁଦାନ ଖର୍ଚ୍ଚ କରାଯାଇ ଗୋଷ୍ଠୀ ଶିକ୍ଷା ସାଧନା କେନ୍ଦ୍ର ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ କରାଯାଇଥିଲା। ସେଠାରେ ବିଇଓଙ୍କ କାର୍ଯ୍ୟାଳୟ ଚାଲିଥିଲା। ହେଲେ ୧୦ ବର୍ଷ ତଳେ ଉକ୍ତ ଗୋଷ୍ଠୀ ଶିକ୍ଷା ସାଧନା କେନ୍ଦ୍ରକୁ ମାଓବାଦୀମାନେ ବିସ୍ଫୋରଣ କରି ନଷ୍ଟ କରିଥିଲେ। ଏହା ପରଠାରୁ ବିଇଓଙ୍କ କାର୍ଯ୍ୟାଳୟ ବ୍ଲକ୍ ପରିସର ଏକ କୋଠରିରେ ଚାଲିଛି। ଅନ୍ୟପକ୍ଷରେ ଗୋଷ୍ଠୀ ଶିକ୍ଷା ସାଧନା କେନ୍ଦ୍ର ମଧ୍ୟ ମରାମତି ନ ହୋଇ ଅବ୍ୟବହୃତ ହୋଇ ପଡ଼ିଥିବାରୁ ଗୋରୁ ଏବଂ କେତେଜଣ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ଅତି ଦୟନୀୟ ପରିସ୍ଥିତିରେ କାମ ଚାଲିଛି। ଅଫିସରେ ବିଇଓ, ବିଆର୍‌ସିସି, କିରାଣୀ ଏବଂ ଅନ୍ୟ କର୍ମଚାରୀ ବସି କାମ କରିବା ସମ୍ଭବ ହେଉ ନ ଥିବା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା ଏମ୍‌ପି ପ୍ରତିନିଧି ଭୀମ ଗୋଗେରେଙ୍ଗାଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଏଥିସହ ଜିଲାପାଳ ଦୃଷ୍ଟିଦେଇ ପଦକ୍ଷେପ ନେବା ନିମନ୍ତେ ଦାବି କରିଛନ୍ତି।

